ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-1449-15/03/21**



## ଭାର୍ଗଭୀ ନଦୀ ଉପରେ ପୋଲ ଏବଂ ସୁନାମୁହିଁ ନଦୀରେ ଲୁଣାପାଣି ନିୟନ୍ତ୍ରଣ ସ୍ଲୁଇସ୍ ନିର୍ମାଣ ଉପରେ ସଂଜୟ ଦାଶ ବର୍ମାଙ୍କ ଗୁରୁତ୍ୱ

## ଅବଶିଷ୍ଟ କାମକୁ ଓ.ସି.ସି. ମାଧ୍ୟମରେ ପୂର୍ଣ୍ଣାଙ୍ଗ କରିବାକୁ

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୫/୦୩/୨୧**

ପୁରୀ ଜିଲ୍ଲା ଅନ୍ତର୍ଗତ ମାଳିସାହି ନିକଟରେ ଭାର୍ଗବୀ ନଦୀ ଉପରେ ନିର୍ମାଣାଧିନ ପୋଲର ପୂର୍ଣ୍ଣାଙ୍ଗ ଏବଂ ସୁନାମୁହିଁ ନଦୀରେ ଲୁଣାପାଣି ନିୟନ୍ତ୍ରଣ ସ୍ଲୁଇସ୍ ନିର୍ମାଣ ଉପରେ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଶ୍ରୀ

ସଂଜୟ ଦାଶ ବର୍ମା ଗୁରୁତ୍ୱ ଆରୋପ କରିଛନ୍ତି । ଏଥି ପାଇଁ ଆଜି ରାଜ୍ୟ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏହି ନିର୍ମାଣାଧୀନ ପୋଲର ଅଗ୍ରଗତି ବିଷୟ ସମୀକ୍ଷା କରି ଅବଶିଷ୍ଟ କାମକୁ ଓଡ଼ିଶା ନିର୍ମାଣ ନିଗମ (ଓ.ସି.ସି) ମାଧ୍ୟମରେ ତୁରନ୍ତ ଶେଷ କରିବାକୁ ଜଳ ସଂପଦ ବିଭାଗ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ଣ୍ଣାଙ୍ଗ ଓ ବ୍ୟବହାର ଉପଯୋଗୀ ନିମନ୍ତେ ଆବଶ୍ୟକ ପଡୁଥିବା କାମର ବୈଷୟିକ ଓ ଆର୍ଥିକ ଆକଳନ ଆଦି ଶେଷ କରି ମାର୍ଚ୍ଚ ମାସ ଶେଷସୁଦ୍ଧା ଟେଣ୍ଡର କରିବା ନିମନ୍ତେ ଶ୍ରୀ ମହାପାତ୍ର କାର୍ଯ୍ୟ-ଖସଡା ଧାର୍ଯ୍ୟ କରିଥିଲେ ।

ସେହିପରି ସୁନାମୁହିଁ ନଦୀକୁ ଲୁଣାଜଳ ପ୍ରବେଶ ନିୟନ୍ତ୍ରଣ ସହ ନଦୀରେ ଥିବା ମଧୁରଜଳର ଜଳସେଚନ ପାଇଁ ବ୍ୟବହାର ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ନରସିଂହପାଟଣାଠାରେ ଏହି ସ୍ଲୁଇସ୍ ନିର୍ମାଣ ଅଧିକ ସୁବିଧାଜନକ ଓ ଫଳପ୍ରସୁ ହେବ ବୋଲି ଆଲୋଚନାରୁ ଜଣାପଡିଥିଲା । ଏହି ସ୍ଲୁଇସ୍ ବାଲିହରଚଣ୍ଡୀ ଦିଗରୁ ଆସୁଥିବା ଲୁଣାପାଣିକୁ ରୋକିବ । ଏହି କାମ ନିମନ୍ତେ ବୈଷୟିକ ଆକଳନ ଓ ଡ଼ିଜାଇନ୍ ଆଦି ୧୦ ଦିନ ମଧ୍ୟରେ ଶେଷ କରିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ପ୍ରସ୍ତାବିତ ଏବଂ ଅନୁମୋଦିତ ଏହି ସ୍ଲୁଇସ୍ ନିର୍ମାଣ ହେଲେ ଅମ୍ବପଡା ଓ ଗୋରୁଆଳ ପଂଚାୟତର ଚାଷୀମାନେ ବିଶେଷଭାବେ ଉପକୃତ ହେବେ; ଏବଂ, ହଜାର ହଜାର ଏକର ଚାଷଜମିରେ ଉଭୟ ଖରିଫ୍ ରବିଚାଷ ଭଲଭାବରେ ହୋଇ ପାରିବ ବୋଲି ଉପାଧ୍ୟକ୍ଷ ଶ୍ରୀ ଦାଶ ବର୍ମା କହିଥିଲେ ।

ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ ଏହି ଦୁଇଟି ପ୍ରକଳ୍ପର ଆବଶ୍ୟକତା, ଅନୁମୋଦନ, ଆର୍ଥିକ ଓ ପ୍ରଶାସନିକ ଦିଗ ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଜଳସଂପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ରାଜ୍ୟ ଯୋଜନା ବୋର୍ଡର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ